## ଅନ୍ତଃ ଚାଷ ଓ ଯତ୍ନ :

ଚାରା ଲଗାଇବାର ୫/୬ ମାସପରେ ଗଛ ଫୁଲ ଧରିଲେ ପ୍ରତି ଖାତରେ ଲାଗିଥିବା ୩ ଗୋଟି ଗଛରୁ ମାଈ ଫୁଲ ଧରିଥିବା ଗୋଟିଏ ଗଛ ରଖି ଅନ୍ୟ ଦୁଇଟିଗଛ ଉପାଡି ଦିଆଯାଏ । କିନ୍ତୁ ଉତ୍ତମ ପରାଗ ସଂଗମ ପାଇଁ ୯ଟି ମାଈ ଗଛରେ ଗୋଟିଏ କରି ଅଣ୍ଡିରା ଗଛ ରଖିବା ଆବଶ୍ୟକ । ଗଛମୂଳକୁ ବର୍ଷା ଋତୁ ପୂର୍ବରୁ ଓ ପରେ ୨ ଥର ଖୁସାଇ ଅନାବନା ଗଛ ଓ ଘାସରୁ ମୁକ୍ତ ରଖାଯାଏ ।

## ଜଳସେଚନ :

ବର୍ଷା ଋତୁରେ ଗଛମୂଳରେ ପାଣି ଜମି ନରହିବା ପାଇଁ ଦୃଷ୍ଟି ଦେବା ସହିତ ଶୀତ ଓ ଖରାଦିନେ ମାଟିର ବତରକୁ ଲକ୍ଷ୍ୟ କରି ୭ ରୁ ୧୦ ଦିନ ଅନ୍ତରରେ ପାଣି ମଡାଯାଏ । ବୁନ୍ଦା ଜଳସେଚନ କଲେ ହେକ୍ଟର ପ୍ରତି ପ୍ରାୟ ଟ.୫୦,୦୦୦/- ଖର୍ଚ୍ଚ ହୋଇଥାଏ । ମାତ୍ର ଏଥିରୁ ଅଧିକ ଉପକାର ମିଳିଥାଏ । ବୁନ୍ଦା ଜଳସେଚନ କଲେ ସରକାରୀ ରିହାତିର ବ୍ୟବସ୍ଥା ରହିଛି ।

## ରୋଗ, ପୋକ ପରିଚାଳନା :

### ୧ . କାଣ୍ଡ ପଚାରୋଗ :

ଏହି ରୋଗହେଲେ ଗଛମୂଳ ପାଖ କାଣ୍ଡରେ ପାଣି ଛାପା ପରି ଦାଗମାନ ଦେଖାଯାଏ । ଏହି ଦାଗ ଗୁଡ଼ିକ ବଡ ଆକାର ହୋଇ ଗଛମୂଳ ଅଂଶରେ ମାଟିକୁ ଲାଗିଥିବା କାଣ୍ଡ ଅଂଶକୁ ଖାଇ ଯାଏ ଓ ଗଛଖୁବ୍ କମ୍ ସମୟରେ ମରିଯାଏ ।

ଏଥିପାଇଁ ଗଛ ମୂଳରେ ଯେପରି ପାଣି ଜମି ନରହିବ ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଅନ୍ତୁ । ଠିକ୍ ବର୍ଷାଦିନ ଆରମ୍ଭରୁ ୧% ବୋର୍ଡକ୍ସ ଦ୍ରବଣ ଗଛମୂଳ ଚାରିପାଖରେ ଢ଼ାଳି ଭିଜାଇ ଦିଅନ୍ତୁ କିମ୍ବା ବ୍ଲାଇଟକ୍ସ ଅଥବା କପର ଅକ୍ସି କ୍ଲୋରାଇଡ୍ ଗୁଣ୍ଡ ଏକ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ଦ୍ରବଣ ପ୍ରସ୍ତୁତ କରି ଗଛମୂଳରେ ଢ଼ାଳି ଭିଜାନ୍ତୁ ଓ ଆକ୍ରାନ୍ତ ଅଂଶକୁ ସିଞ୍ଚନ କରନ୍ତୁ ।

### ୨ . ଆନ୍ଥ୍ରାକ୍‌ନୋଜ୍

ଏହି ରୋଗ ହେଲେ ପତ୍ର ଓ ଫଳରେ ଦାଗ ହୁଏ । ଏହି ରୋଗର ନିରାକରଣ ପାଇଁ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ । ଫଳ ଅମଳର ୧୫ ଦିନ ପୂର୍ବରୁ ଏହି ଦ୍ରବଣ ସ୍ପ୍ରେ କଲେ ଅମଳ ପରେ ଆନ୍ଥ୍ରାକ୍‌ନୋଜ୍ ରୋଗ ଦେଖାଯାଏ ନାହିଁ ।

### ୩. ପତ୍ରମୋଚା :

ଏହି ରୋଗରେ ଆକ୍ରାନ୍ତ ଗଛ ବଢ଼େନାହିଁ, ପତ୍ର ମୋଚା ମୋଚା ହୋଇଥାଏ । ଏହା ଏକ ଭୂତାଣୁ ଜନିତ ରୋଗ ଏବଂ ଧଳାମାଛି ଦ୍ୱାରା ସଂକ୍ରମିତ ହୋଇଥାଏ । ଏଥିପାଇଁ ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡି ଦିଅନ୍ତୁ । ଲଙ୍କା, ବାଇଗଣ, ବିଲାତି ବାଇଗଣ, କ୍ୟାପ୍ସିକମ୍ ଅମୃତଭଣ୍ଡା ବଗିଚା ପାଖରେ ଚାଷ କରନ୍ତୁ ନାହିଁ ।





### ୪ . ସାହେବୀ ରୋଗ :

ଏହିରୋଗ ହେଲେ ଗଛର ଅଗ ପତ୍ର ଛୋଟ ଓ ଛବିଲା ହୋଇଯାଇ ଗଛ ବଢ଼େ ନାହିଁ । ଏହା ଜଉପୋକ ଦ୍ୱାରା ସଂକ୍ରମିତ ହୋଇଥାଏ । ଏହାର ପରିଚାଳନା ପାଇଁ ପ୍ରଥମେ ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ି ଦିଆଯାଏ । ଜଉପୋକର ନିୟନ୍ତ୍ରଣ ପାଇଁ ଫସଲରେ ନିମାଜଲ୍ (୫ ମି.ଲି./ଲିଟର) କିମ୍ବା ଡାଇମିଥୋଏଟ୍ (୨ ମି.ଲି/ଲିଟର) ସ୍ପ୍ରେ କରାଯାଏ ।

## ଚାଷ ଜନିତ ଖର୍ଚ୍ଚ :

ଏକ ହେକ୍ଟର ଜମିରେ ଅମୃତଭଣ୍ଡା ଚାଷକଲେ ପ୍ରଥମ ବର୍ଷ ପ୍ରାୟ ଟ. ୧,୨୫,୦୦୦/-, ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷ ୭୫,୦୦୦/- ଖର୍ଚ୍ଚ ହୋଇଥାଏ ।

## ଚାଷ ଜନିତ ଆୟ :


ଏକ ହେକ୍ଟର ଅମୃତଭଣ୍ଡା ଚାଷରୁ ତିନି ବର୍ଷରେ ପ୍ରାୟ ଟ. ୫,୭୦,୦୦୦/- ମୋଟ ଆୟ ହୋଇଥାଏ । ଗୋଟିଏ ଗଛରୁ ୩ ବର୍ଷ ପର୍ଯ୍ୟନ୍ତ ଫଳ ମିଳିଥାଏ ।

## ଅମଳ :

ଆବଶ୍ୟକୀୟ ଯତ୍ନ ନେଇ ଅମୃତଭଣ୍ଡା ଚାଷକଲେ ଗଛ ପ୍ରତି ହାରାହାରି ୩୦ ରୁ ୪୫ କି.ଗ୍ରା. ବା (୪୦-୭୫ ଗୋଟି ଫଳ) ଏବଂ ହେକ୍ଟର ପ୍ରତି ବାର୍ଷିକ ୬୦ରୁ ୭୦ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ ଓ ୩ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ ।

## ସହାୟତା :

ଅମୃତଭଣ୍ଡା ଚାଷରେ ସହାୟତା ପାଇଁ ଜାତୀୟ କରଣ ବ୍ୟାଙ୍କ, ନେସ୍‌ନାଲ୍ ହର୍ଟିକଲ୍‌ଚର୍ ବୋର୍ଡ, ନାବାର୍ଡ ତଥା ନିକଟସ୍ଥ ଉଦ୍ୟାନବିଦଙ୍କ ସହିତ ଯୋଗଯୋଗ କରାଯାଇପାରେ ।



# ଉନ୍ନତ ଅମୃତଭଣ୍ଡା ଚାଷ


ଓଡ଼ିଶା ଉଦ୍ୟାନକୃଷି ଉନ୍ନୟନ ସମିତି
ଉଦ୍ୟାନ ଭବନ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫
ଫୋନ୍ : ୦୬୭୪-୨୫୫୧୮୩୧, ଫ୍ୟାକ୍ସ : ୦୬୭୪-୨୫୫୧୯୭୮
website:www.orihort.in
email:udyanhort@sify.com





## ଅମୃତଭଣ୍ଡା ଚାଷ :

ଆମ ରାଜ୍ୟର ସମସ୍ତ ଅଞ୍ଚଳରେ ଅମୃତଭଣ୍ଡା ଚାଷ କରାଯାଇପାରିବ । ଘର ସଂଲଗ୍ନ ବଗିଚାରେ ୨/୩ ଟି ଅମୃତଭଣ୍ଡା ଗଛ ଲଗାଯାଇଥିଲେ ନିଜ ଘରର ଚାହିଦା ବର୍ଷସାରା ଚଳାଇହେବ । ଏଥିରୁ ଜାମ୍, ଜେଲି ପ୍ରଭୃତି ସଂରକ୍ଷିତ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥାଏ । କଞ୍ଚା ଅମୃତଭଣ୍ଡାରୁ 'ପାପାଇନ୍' ସଂଗ୍ରହ କରି ବିଭିନ୍ନ ପ୍ରକାରର ଔଷଧ ଓ ପ୍ରସାଧାନ ସାମଗ୍ରୀ ପ୍ରସ୍ତୁତ କରାଯାଏ । କୋଷ୍ଠକାଠିନ୍ୟ ହେବା ସମୟରେ କଞ୍ଚା ଓ ପାଚିଲା ଅମୃତଭଣ୍ଡା ଖାଇଲେ ଆରାମ ମିଳେ । ଏଥିରେ ଭିଟାମିନ୍ 'ସି' ଓ ଭିଟାମିନ୍ 'ଏ' ଭରପୁର ହୋଇ ରହିଛି ।

## ଜଳବାୟୁ :

ଅମୃତଭଣ୍ଡା ଏକ ବିଷୁବ ମଣ୍ଡଳୀୟ ଫଳ ମାତ୍ର ଉପବିଷୁବ ମଣ୍ଡଳୀୟ ଜଳବାୟୁରେ ମଧ ଏହି ଚାଷ କରାଯାଇପାରେ । ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅମୃତଭଣ୍ଡା ଚାଷପାଇଁ ଅନୁକୂଳ । ସମୁଦ୍ର ପତନ ଠାରୁ ୧୦୦୦ ମିଟର ଉଚ୍ଚତାରେ ଅବସ୍ଥିତ ଅଞ୍ଚଳ ମାନଙ୍କରେ ମଧ ଏହା ଚାଷ କରାଯାଇପାରେ । ୧୦° ସେଣ୍ଟିଗ୍ରେଡ୍‌ରୁ କମ୍ ଉତ୍ତାପ ହେଲେ ଫଳ ପାକଳ ଓ ପାଚିବାରେ ବିଳମ୍ବ ଘଟେ ଏବଂ ଗଛ ବୃଦ୍ଧିରେ ବ୍ୟାଘାତ ଘଟେ । ଅତ୍ୟଧିକ ଉତ୍ତାପ (୪୦° ସେଣ୍ଟିଗ୍ରେଡ୍‌ରୁ ଅଧିକ) ପ୍ରବାହ ହେଲେ ଫୁଲ ଓ ଫଳ ଧରିବାରେ ବ୍ୟାଘାତ ଘଟେ ଏବଂ ଭୁତାଣୁ ଜନିତ ରୋଗରେ ଗଛ ଆକ୍ରାନ୍ତ ହୁଏ । ଯେଉଁ ଅଞ୍ଚଳରେ ଖରାଦିନେ ଉତ୍ତାପ ୩୫°-୩୮° ସେଣ୍ଟିଗ୍ରେଡ୍ ମଧରେ ପ୍ରବାହିତ ହୁଏ, ସେହି ଅଞ୍ଚଳରେ ଅମୃତଭଣ୍ଡା ଭଲହୁଏ ।

## ମୃତ୍ତିକା :

ଅମୃତଭଣ୍ଡା ଗଛ ମୂଳରେ ୨/୩ ଇଞ୍ଚ ପାଣି କିଛି ସମୟ ପାଇଁ ଜମି ରହିଲେ ଗଛ ଗୁଡ଼ିକ କାଣ୍ଡସଢ଼ା ରୋଗରେ ଆକ୍ରାନ୍ତ ହୋଇ ମରିଯାଇଥାଏ । ତେଣୁ ଗଛ ଲଗାଇବା ସ୍ଥାନ ଉଚ୍ଚା, ନିଗିଡ଼ା ହେବା ଉଚିତ୍ । ଦୋରସା ପଟୁମାଟି ଓ ଦୋରସା ବାଲିମାଟି ଏହାର ଚାଷ ପାଇଁ ଉପଯୁକ୍ତ ଅଟେ ।

## କିସମ :

ହନିଡ୍ୟୁ, କୁର୍ଗ ହନିଡ୍ୟୁ, କୋଇମ୍ବାଟୁର-୧,୨,୩,୪,୫,୬,୭, ଓ୍ୟାସିଙ୍ଗଟନ୍, ପୁଷା ଡେଲିସିଅସ, ପୁଷା ମାଜେଷ୍ଟିକ୍, ସୂର୍ଯ୍ୟ, ପୁଷା ଡ୍ୱାର୍ଫ, ପୁଷା ଜାଏଣ୍ଟ, ସନ୍‌ରାଇଜ୍, ସୋଲୋ ଓ ରାଞ୍ଚି ଇତ୍ୟାଦି । ଉପରୋକ୍ତ କିସମ ଗୁଡ଼ିକ ଆମ ରାଜ୍ୟରେ ଚାଷ କରାଯାଇପାରେ । ସଙ୍କର କିସମ ମଧରେ ଲାଲ୍ ପୁରୀ, ରେଡ୍ ଲେଡ଼ି ପ୍ରଭୃତି ଅନ୍ୟତମ ।

## ଚାରା ପ୍ରସ୍ତୁତି :

ଏକ ଏକର ଜମି ପାଇଁ ୨୫୦ ଗ୍ରାମ୍ ମଞ୍ଜି ଆବଶ୍ୟକ । ୧୦ ଫୁଟ ଲମ୍ବ ୩ ଫୁଟ ପ୍ରସ୍ଥ ଓ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରି ୨ ଇଞ୍ଚ ବ୍ୟବଧାନରେ ଧାଡିରେ ୦.୫ ଇଞ୍ଚ ଗଭୀରରେ ମଞ୍ଜିକୁ ସେରେସାନ୍ କିମ୍ବା ଥିରାମ୍‌ରେ ବିଶୋଧନ କରି ପକାଯାଏ । ବର୍ଷାଦିନେ ହୋଇଥିଲେ ପଟାଳୀ ଉପରେ ପଲିଥିନ୍ ଘୋଡାଇ ଦିଆଯାଏ ।

ମଞ୍ଜିଗଜା ହେବାକୁ ପ୍ରାୟ ୩ ସପ୍ତାହ ସମୟ ଲାଗେ । ଚାରାଗଛ ୨/୩ ପତ୍ର ହେଲାପରେ ୧୫୦ ଗେଜ୍‌ର ୪ ଇଞ୍ଚ x ୬ ଇଞ୍ଚ୍ ସାଇଜ୍‌ର ପଲିଥିନ୍ ମୁଣାରେ ଖତମିଶା ମାଟି ପୁରାଇ ତଳି ଘରାରୁ ଚାରା ଗୁଡ଼ିକୁ ପଲିଥିନ୍ ମୁଣାକୁ ଉଠାଇ ଦିଆଯାଏ । ଚାରା ୬ ଇଞ୍ଚରୁ ୮ ଇଞ୍ଚ ଉଚ୍ଚ ହୋଇ ୭/୮ ଟି ପତ୍ର ଧରିଲେ ଲଗାଇବା ପାଇଁ ଉପଯୁକ୍ତ ହୁଏ ।

## ଚାରା ଲଗାଇବା ସମୟ :

ଜୁନ୍ -ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର ଓ ଫେବୃୟାରୀ-ମାର୍ଚ୍ଚ ମାସ ଚାରା ଲଗାଇବା ପାଇଁ ଉପଯୁକ୍ତ ସମୟ ଅଟେ ।

## ଜମି ପ୍ରସ୍ତୁତି ଓ ଚାରା ରୋପଣ :

ପ୍ରଥମେ ଜମିକୁ ଭଲକରି ୩/୪ ଓଡ଼ ଚାଷ କରନ୍ତୁ । ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୬ ଫୁଟରୁ ୭ ଫୁଟ ବ୍ୟବଧାନରେ ୧.୫ x ୧.୫ x ୧.୫ x ଫୁଟ ଆକାରରେ ଖାତ ଖୋଳି ଖାତକୁ ଉଇମରା ଔଷଧ ଦେଇ ବିଶୋଧନ କରନ୍ତୁ । ଖାତଗୁଡ଼ିକରୁ ବାହାରିଥିବା ଉପର ମାଟି ଓ ଖତ ୩:୧ ଅନୁପାତ ସହିତ ୟୁରିଆ -୧୫୦ ଗ୍ରାମ୍, ସିଙ୍ଗିଲ୍ ସୁପର ଫସ୍‌ଫେଟ୍-୩୫୦ ଗ୍ରାମ୍ ଓ ମ୍ୟୁରେଟ୍ ଅଫ୍ ପଟାସ-୯୦ ଗ୍ରାମ୍ ମିଶ୍ରଣ କରି ଖାତ ପୁରଣ କରନ୍ତୁ । ଖାତ ପ୍ରତି ଉଭୟ ଲିଙ୍ଗି କିସମ ଚାରା ହୋଇଥିଲେ ଗୋଟିଏ କରି ଚାରା ଲଗାଯାଏ । କିନ୍ତୁ ମାଈ ଓ ଅଣ୍ଡିରା ଫୁଲ ଅଲଗା ଅଲଗା ଆସୁଥିବା କିସମ (ଡାଇଓସିଅସ୍) ହୋଇଥିଲେ ଗୋଟିଏ ଖାତରେ ତ୍ରିଭୁଜ ଆକାରରେ ୩୦ ସେ.ମି. ବ୍ୟବଧାନରେ ୩ ଗୋଟି ଚାରା ଲଗାଇବା ଉଚିତ୍ । ୫/୬ ମାସପରେ ଗଛରେ ଫୁଲ ଧରିଲେ ପ୍ରତି ଖାତରେ ମାଈ ଗଛ ଗୋଟିଏ ରଖି ଅନ୍ୟ ଗଛକୁ ଉଠାଇ ଦିଆଯାଏ । କିନ୍ତୁ ପ୍ରତି ୯ଟି ମାଈ ଗଛ ପାଇଁ ଗୋଟିଏ ଅଣ୍ଡିରାଗଛ ରଖାଯିବା ବିଧେୟ । ହେକ୍ଟର ପ୍ରତି ୨୨୬୭-୩୦୮୬ ଲଗାଯାଏ ।

## ଖତ ଓ ସାର :

ଚାରା ଲଗାଇବାଠାରୁ ୯୦ ଦିନ ଅନ୍ତରରେ ଗଛ ପ୍ରତି ଥରକୁ ୧ ଝୁଡ଼ି ଖତ ସହିତ ୟୁରିଆ -୧୫୦ ଗ୍ରାମ୍, ସିଙ୍ଗଲ ସୁପର ଫସ୍‌ଫେଟ୍ - ୩୦୦ ଗ୍ରାମ୍ ଓ ମ୍ୟୁରେଟ୍ ଅଫ୍ ପଟାସ-୮୦ ଗ୍ରାମ୍ ଲେଖାଏଁ ବର୍ଷକୁ ୩ ଥର ହିସାବରେ ଦିଆଯାଏ ।

୨ୟ ବର୍ଷ ଓ ୩ୟ ବର୍ଷ ମଧ ଉପର ଅନୁମୋଦିତ ଖତ ଓ ସାର ଗଛ ମୂଳ କୋଡ଼ା ଖୁସା କରି ଦେବା ଆବଶ୍ୟକ ।

